ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିକ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥

# ସକାଳ

## ଶିକ୍ଷା ବ୍ୟବସ୍ଥା

ସମାଜରେ ସମସ୍ତେ ଓ ସବୁସ୍ତରରେ ଯେପରି ଶିକ୍ଷାଲାଭ କରିପାରିବେ ସେଥିପାଇଁ ନୂଆନୂଆ ଯୋଜନା ପ୍ରଣୟନ କରୁଛନ୍ତି ଓ କରିଚାଲିଛନ୍ତି । ସମସ୍ତଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ମୌଳିକ ଅଧିକାର । ତଥାପି ପିଲାମାନେ ଯେପରି ସ୍କୁଲ ନଛାଡିବେ ତାହା ପାଇଁ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉଛି । ତଥାପି ଶିକ୍ଷାରେ ସଂକଟ ସୃଷ୍ଟି ହେଉଛି । ଏହାର ମୁଖ୍ୟ କାରଣ ସଚେତନତାର ଅଭାବ ଥାଇପାରେ ବା ସରକାରୀ ଯୋଜନା ଗୁଡିକ ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରିନଥାଏ କିମ୍ବା ଯୋଜନାଗୁଡିକ ଦିଗହରା ହୋଇଥାଏ କିମ୍ବା ଯୋଜନା ଗୁଡିକର ବିଭିନ୍ନ ଦିଶା କାର୍ଯ୍ୟକାରୀବେଳେ ଲକ୍ଷ୍ୟଭ୍ରଷ୍ଟ ଭାବରେ କାର୍ଯ୍ୟକାରୀ କରାଯାଇଥାଏ । ଏମିତି ଅନେକ ଆଶା ଆଶଙ୍କା ଭିତରେ ଯୋଜନାଗୁଡିକ ଗତିଶୀଳ ହେଉଥିଲାବେଳେ ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି ହେବା ସହିତ ଶିକ୍ଷାରେ ସଂକଟ ସୃଷ୍ଟି ହେବା ସ୍ୱାଭାବିକ ଘଟଣା । ଆମ ସମାଜରେ ଶିକ୍ଷାର ସାମଗ୍ରିକ ଉନ୍ନତି ପାଇଁ ଯାହାଯାହା ଦରକାର ରାଜ୍ୟ ସରକାର ବା ପ୍ରଶାସନ ସେଦିଗରେ ଦୃଷ୍ଟି ନ ଦେଇ କମ୍ପ୍ୟୁଟର ଯୁଗର ଉନ୍ନତିରେ ତାଳଦେଇ ଯୋଜନା ପ୍ରସ୍ତୁତ କରିବା ଦ୍ୱାରା ତାହା ଫଳବତୀ ହୋଇପାରୁନଥିବା ଦେଖାଯାଉଛି । ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଆଲୋଚନା କଲେ ତାହା ଯାଏ ଯେ ଶିକ୍ଷାର ଉନ୍ନତି ପାଇଁ ପ୍ରଥମତଃ ଚାଟଶାଳୀ ପାଠର ଆବଶ୍ୟକତା ରହିଛି । ଯାହାକି ଆଜି ସମାଜରେ ଆଉ ଦେଖାଯାଉନାହିଁ । ଚାଟଶାଳୀ ନାହିଁ କି ଚାଟଶାଳୀ ପାଠ ଆଉ ନାହିଁ । ପିଲାମାନେ ଶିକ୍ଷକଙ୍କୁ ମୁଠିଚାଉଳ ଦେବା ନାହିଁ କି ଆଜି ଆଉ ଗୁରୁଦକ୍ଷିଣା ଦେବା ନାହିଁ କି ଗୁରୁ ପୂଜନ ଆଉ ନାହିଁ । ଏହି ଚାଟଶାଳୀ ପାଠ ଏବେ ସ୍କୁଲଗୁଡିକରେ ସଂଲଗ୍ନ କରିଦିଆଯାଇଛି । ଚାଳଶାଳୀ ପାଠ ପ୍ରାଥମିକ ଶିକ୍ଷାରେ ସଂଲଗ୍ନ କରାଯାଇଛି । ମାତ୍ର ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟତ୍ରୀ ଏହି ପାଠ ପଢ଼ାଇବା ପ୍ରତି ଆଗ୍ରହ ଦେଖାଇନଥାନ୍ତି । ଫଳରେ ଯୁକ୍ତାକ୍ଷର ପାଠ ଶିକ୍ଷା ବ୍ୟବସ୍ଥାରୁ ଲୋପ ପାଇସାରିଲାଣି । ଯୁକ୍ତାକ୍ଷର ପାଠ ପାଇ ବ୍ୟବହୃତ ମଧୁ ବର୍ଣ୍ଣବୋଧ ପଢ଼ିବା ଦେଖାଯାଉନାହିଁ । କଥା ଛଳରେ ସମାଜରେ ଶୁଣାଯାଉଛି ମଧୁ ବର୍ଣ୍ଣବୋଧ ବଦଳରେ ଏବେ ମୋଦି ବର୍ଣ୍ଣ ବୋଧ ପିଲା ପଢ଼ିଲେଣି । ଯୁକ୍ତାକ୍ଷର ବଦଳରେ କମ୍ପ୍ୟୁଟର ପଢୁଛନ୍ତି । ନିକଟ ଅତୀତରେ ମଧୁବର୍ଣ୍ଣ ବୋଧ ସଂସ୍କରଣକୁ ନେଇ ରାଜ୍ୟ ସାରା ଝଡ ବୋହିଲା ଓ କେତେ ହଟଚମଟ ହୋଇଗଲା । ସେଥିରେ ଫଳ କିଛି ହେଲା ନାହିଁ । ଏବେ ପିଲାମାନେ ପରୀକ୍ଷା ବଦଳରେ ପରୀଖ୍ୟା, ଜ୍ଞାନ-ଗ୍ୟାନ, ବିଜ୍ଞାନ-ବିଗ୍ୟାନ୍, ସଙ୍କଟ-ସଂକଟ, ମୁଣ୍ଡ-ମୁଂଡ, ତତ୍ପର-ତତ୍‌ପର, ଉତ୍ତର-ଉତର, ଶିକ୍ଷକ-ଶିଖ୍ୟକ ଭଳି ଭାଷା ବା ଶବ୍ଦ ଲେଖୁଥିବା ଦେଖାଯାଉଛି । ଏହାମଧ୍ୟ ପ୍ରଚଳିତ କମ୍ପ୍ୟୁଟର ଓଡିଆ ଡିଟିପିରେ ମଧ୍ୟ ଡିଟିପି କଲେ ଏପରି ଶବ୍ଦ ଡିଟିପିରେ ଆସୁଛି । କମ୍ପ୍ୟୁଟରରେ ଓଡିଆ ଡିଟିପିରେ କମ୍ପ୍ୟୁଟର ବିଶାରଦମାନେ ଯୁକ୍ତାକ୍ଷର ବ୍ୟବହାର କରିଥିବା ଶୁଣାଯାଉଛି । ଏତ୍‌ହେଲା ଚାଟଶାଳୀପାଠ ଓ ଶିକ୍ଷାରେ ଯୁକ୍ତାକ୍ଷରର ସଂକଟ । ସେହିପରି ଶିକ୍ଷାର ଉନ୍ନତି ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ଥିବା ଗ୍ରାମ୍ୟ ପାଠଗାଁରେ । ଏବେ ଗାଁ ଗହଳିରେ ଆଉ ପାଠାଗାର ନାହିଁ । ସରକାର ଏବେ ଯୋଜନା କରୁଛନ୍ତି ମାତ୍ର ଗ୍ରାମ୍ୟ ପାଠାଗାର ବ୍ୟବସ୍ଥା ପ୍ରତିଦୃଷ୍ଟି ଦେଉନାହାନ୍ତି । ଫଳରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ସଂକଟ ଦେଖାଦେଉଛି ସେଥିରେ ଗ୍ରାମ୍ୟ ପାଠାଗାରର ଭୂମିକା ସ୍ୱତନ୍ତ୍ର ରହିଛି । ଶିକ୍ଷାକୁ ସାର୍ବଜନୀନ କରିବା ସରକାରଙ୍କର ଦାୟିତ୍ୱ ରହିଥିବାବେଳେ ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ଗ୍ରାମ୍ୟ ପାଠାଗାରର ଆବଶ୍ୟକତା ଥିଲେ ମଧ୍ୟ ତାହା ଆଜି ଲୋପ ପାଇସାରିଲାଣି । ପାଠାଗାରଗୁଡିକ ନଥିବାରୁ ପିଲାମାନେ ଶିକ୍ଷା ଆହରଣ ବଦଳରେ ଅଶିକ୍ଷାକୁ ଆଦରି ନେଉଛନ୍ତି । ସେହିଭଳି ଗାଁ ଗହଳିରେ ବା ଭାଗବତ ଟୁଙ୍ଗି ଗୁଡିକ ଲୋପ ପାଇସାରିଲାଣି । ଫଳରେ ପିଲାମାନେ ଆଧ୍ୟାତ୍ମିକ ଶିକ୍ଷା ପାଇ ପାରିବା ସମ୍ଭବ ହୋଉନାହିଁ । ଯାହାକି ଶିକ୍ଷା ବ୍ୟବସ୍ଥାରେ ସଂକଟ ସୃଷ୍ଟି କରିବାରେ ମଧ୍ୟ ସହାୟକ ହେଉଛି । ଅପରପକ୍ଷରେ ଶିକ୍ଷା ବ୍ୟବସ୍ଥାରୁ ମୁହଁ ଫେରାଇ ନେଉଥିବା ପିଲାମାନେ ପାଠାଗାର, ଭାଗବତ ଟୁଙ୍ଗିକୁ ଭୂଲି ଗ୍ରାମାଞ୍ଚଳ ଖୋଲିଥିବା ମଦ ଦୋକାନକୁ ଆଦରି ନେଉଛନ୍ତି । ସେହିପରି ସ୍କୁଲ ଗୁଡିକରେ ପିଲାମାନଙ୍କ ତୁଳନାରେ ହେଉ ବା ଶ୍ରେଣୀ ତୁଳନାରେ ହେଉ ଶିକ୍ଷକ/ଶିକ୍ଷୟତ୍ରୀ ନାହାଁନ୍ତି । ମଧ୍ୟାହ୍ନ ଭୋଜନ ସାମଗ୍ରୀ ବାଟମାଣରା । ପିଲାମାନଙ୍କ ବଦଳରେ ଗ୍ରାମ୍ୟ କମିଟି ବା ଶିକ୍ଷକଙ୍କ ଦ୍ୱାରା ସାମଗ୍ରୀ ହଡପ । ଡ୍ରେସ୍ ବଣ୍ଟନରେ ପାତର ଅନ୍ତର । ପିଲାମାନଙ୍କ ସଂଖ୍ୟା ତୁଳନାରେ ମାଗଣା ପୁସ୍ତକ ସମୁଦ୍ରକୁ ଶଙ୍ଖେ । ସ୍କୁଲରେ ପିଲା ସଂଖ୍ୟା ଏକ ଶହ ଥିଲାବେଳେ ବହି ମିଳୁଛି ଦଶଜଣଙ୍କୁ । ଇଂରାଜୀ ମାଧ୍ୟମ ସ୍କୁଲଗୁଡିକର ବ୍ୟବସ୍ଥା ଅନୁସାର ପିଲାର ସମସ୍ତ ବହିପତ୍ର କିଣିବା, ସ୍ୱତନ୍ତ୍ର ଡ୍ରେସରେ ଖର୍ଚ୍ଚ କରିବା, ସ୍କୁଲକୁ ଯିବା ଆସିବା ପାଇଁ ଗାଡିରେ ଅର୍ଥ ଖର୍ଚ୍ଚ କରିବା, ସ୍କୁଲର ଦରମା ଦେବା ଆଦି ଘଟଣାରେ ବହୁଳ ଅର୍ଥ ବ୍ୟୟ ଯୋଗୁଁ ଅଭିଭାବକମାନେ ଇଂରାଜୀ ମାଧ୍ୟମ ଶିକ୍ଷାରୁ ମୁହଁ ଫେରାଇ ନେଉଛନ୍ତି । ଫଳରେ ପିଲାମାନେ ଏଣେ ତେଣେ ହେବା ଯୋଗୁଁ ଯୁକ୍ତାକ୍ଷର ପଢ଼ିଲେ ନା ଇଂରାଜୀରେ ମେଧାବୀ ହେଲେ, ବଂର ଶିକ୍ଷାରେ ପାଗଳାମୀ ସୃଷ୍ଟି ହେଲା । ସେହିପରି ହାଇସ୍କୁଲ ଶିକ୍ଷା ହେଉ ବା କଲେଜ ଶିକ୍ଷା ହେଉ, ଶିକ୍ଷକ, ଅଧ୍ୟାପକଙ୍କର ଅଭାବ । ପାଠପଢ଼ା ବଦଳରେ ଛାତ୍ର ରାଜନୀତି । ବିଭିନ୍ନ ସମସ୍ୟା ନେଇ ଛାତ୍ର/ଛାତ୍ରୀମାନେ ବହୁ ସମୟରେ ଆନ୍ଦୋଳନରେ ଜଡିତ ହେବା ଘଟଣାକୁ ନେଇ ଶିକ୍ଷାରେ ସଂକଟକ ସୃଷ୍ଟିକରେ । ଆଜି ରାସ୍ତା ପାଇଁ ଆନ୍ଦୋଳନ ତ କାଲି ଘର ପାଇଁ ଆନ୍ଦୋଳନ । କେତେବେଳେ ବସ୍‌ରେ ଯିବାଆସିବା ପାଇଁ ଆନ୍ଦୋଳନ ତ କେତେବେଳ ଶିକ୍ଷକ, ଅଧ୍ୟାପକଙ୍କ ବିରୁଦ୍ଧରେ ଆନ୍ଦୋଳନ । ଏମିତି ଆନ୍ଦୋଳନ ଭିତରେ ପାଠପଢ଼ା ପ୍ରତି ଧ୍ୟାନ କେତେବେଳେ । ଫଳରେ ଶିକ୍ଷା ବାଧାପ୍ରାପ୍ତ ହୋଇଥାଏ । ଏହାର ସୁଯୋଗ ନେଇ ମଧ୍ୟ ରାଜନୈତିକ ନେତାମାନେ ନିଜନିଜର ରାଜନୈତିକ ସୁରକ୍ଷା ପାଇଁ କର୍ମୀ ଠିକ୍ କରିନେବା ଦେଖାଯାଇଥାଏ । ଯେଉଁମାନେ ତାଙ୍କର ସ୍ଥିତି, ସୁରକ୍ଷା ପାଇଁ ବ୍ୟଗ୍ର ହୋଇଉଠିଥାନ୍ତି, କିନ୍ତୁ ସେମାନେ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ଶିକ୍ଷାର ଉନ୍ନତି ଦିଗରେ ପଦକ୍ଷେପ ଗ୍ରହଣ କରିବାରେ ନିଜକୁ ସାମିଲ କରିବା ଦେଖାଯାଇନଥାଏ । ମୋଟାମୋଟି ଭାବରେ ଆଜି ଶିକ୍ଷା ବ୍ୟବସ୍ଥାର ଯେତିକି ଉନ୍ନତି ବୋଲି ଡିଣ୍ଡିମ ପିଟାଯାଉଛି । ତାହା ଖାଲି କାଗଜକଲମ ବା ପ୍ରଚାର ପ୍ରସାରରେ ଦେଖାଯାଉଛି । ମାତ୍ର ବାସ୍ତବିତ ଚିତ୍ର ତାର ଭିନ୍ନ । ଶିକ୍ଷା ବ୍ୟବସ୍ଥାରେ ସଂକଟ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ସଂକଟ ଅଧିକ ଘନୀଭୂତ ହେବାର ଆଶଙ୍କା ଦେଖାଦେଇଛି ।

## କାମ ଏବୈକଃ ପୁରୁଷାର୍ଥଃ

ଶ୍ରୁତିର ମତାନୁସାରେ ବେଦତା ମହାଭୂତଙ୍କ ନିଃଶ୍ୱାସ ''ଯସ୍ୟ ନିଃଶ୍ୱସିତଂବେଦା'' । ଶ୍ୱାସ ପ୍ରଶ୍ୱାସ ସ୍ୱତଃ ଆବିର୍ଭୂତ ହୁଅନ୍ତି । ଅତଃ ସେଥିପାଇଁ ମନୁଷ୍ୟର ପ୍ରଯତ୍ନର ଅଥବା ବୁଦ୍ଧିର ଅପେକ୍ଷା କରିବାକୁ ପଡ଼ିନଥାଏ । ସେହି ହମାଭୂତଙ୍କ ନିଶ୍ୱାସ ରୂପବେଦ ତ ଅଦୃଷ୍ଟ ବଶାତ ଅବୁଦ୍ଧି ପୂର୍ବକ ସ୍ୱୟଂ ଆବିର୍ଭୂତ ହୁଅନ୍ତି । ବେଦ ନିତ୍ୟ ଉତ୍ପାଦ୍ୟ ନୁହେଁ । କୌଣସି ବ୍ୟକ୍ତି ଦ୍ୱାରା ରଚିତ ହୋଇନଥିବାରୁ ବେଦ ଅପୌରୁଷେୟ ଇଶ୍ୱର ପ୍ରଣୀତ ସିଦ୍ଧ ହୋଇଥାନ୍ତି । ଏସବୁ ବିଚାରକୁ ଦର୍ଶନ ଶାସ୍ତ୍ରରେ ଅପୌରୁଷେୟ ବାଦ କୁହାଯାଏ । ଅବୈଦିକ ଦର୍ଶନକୁ ନାସ୍ତିକ ଦର୍ଶନ କୁହାଯାଏ । କାରଣ ଏହା ବୈଦିକ ପ୍ରମାଣକୁ ମାନେ ନାହିଁ । ଅପୌରୁଷେୟ ସ୍ୱୀକାର କରେନାହିଁ ନାସ୍ତିକ ଦର୍ଶନ କହେ ଇହଲୋକ ବା ଜଗତ ହିଁ ଆତ୍ମାର କ୍ରୀଡାସ୍ଥଳ । ପରଲୋକ ବା ସ୍ୱର୍ଗ ବୋଲି କୌଣସି ବସ୍ତୁ ନାହିଁ ''କାମ ଏବୈକଃ ପୁରୁଷାର୍ଥଃ ''ଏହା ଧର୍ମ ଅର୍ଥ କାମ ମୋକ୍ଷ ଚାରି ପୁରୁଷାର୍ଥ ମଧ୍ୟରୁ କାମକୁ ହିଁ ସ୍ୱୀକୃତି ଦିଏ ନାସ୍ତିକ ଦର୍ଶନ ଅନୁସାରେ କାମ ହିଁ ମାନବ ଜୀବନର ଏକମାତ୍ର ପୁରୁଷାର୍ଥ ଅଟେ''ମରଣ ମେବାପବର୍ଗଃ'' ମରଣ ବା ମୃତ୍ୟୁ ମାନେ ହିଁ ମୋକ୍ଷ ବାମୁକ୍ତି '' ପ୍ରତ୍ୟକ୍ଷ ମେବ ପ୍ରମାଣମ । ଯାହା ପ୍ରତ୍ୟେକ୍ଷ ତାହା ପ୍ରମାଣ ଅନୁମାନ କେବେ ପ୍ରମାଣ ନୁହେଁ । ଧର୍ମ ବୋଲି କିଛି ନଥିବାରୁ ଅଧର୍ମ ବୋଲି କିଛି ନାହିଁ

# ଭାଷା ବ୍ୟବହାରରେ ସମସ୍ୟା

ସୌମେନ୍ଦ୍ର ଜେନା

ଓଡିଆ ଭାଷା ଏକ ପୁରାତନ ଭାଷା । ଦୁଇହଜାର ବର୍ଷରୁ ଅଧିକକାଳ ଧରି ଏହାର କ୍ରମବିକାଶ ହୋଇଆସିଛି । ଏହି ଜାତିର କ୍ରମବିକାଶ ସହ ଭାଷାର ମଧ୍ୟ ବିକାଶ ହୋଇଛି । ଖଣ୍ଡଗିରିର ହାତୀଗୁମ୍ଫାର ଶିଳାଲେଖଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସମୟରେ ଅଲଗା ଅଲଗା ସ୍ଥାନରୁ ପ୍ରାପ୍ତ ଶିଳାଲେଖଗୁଡିକରୁ ଓଡିଆ ଭାଷାର ବିକାଶ ପରିଲକ୍ଷିତ ହୋଇଥାଏ । ଅତୀତ କାଳରେ ଏ ରାଜ୍ୟର ଲୋକେ ବିଦେଶ ଯାଇ ଇଣ୍ଡୋନେସିଆଠାରେ ଅନେକ ମନ୍ଦିର ନିର୍ମାଣ ପୂର୍ବକ ସ୍ଥାପତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ଯାହା ଏବେବି ପର୍ଯ୍ୟଟକଙ୍କୁ କେବଳ ବିମୁଗ୍ଧ କରେ ତା ନୁହେଁ, ବିସ୍ମିତ ମଧ କରିଥାଏ । ଏହି ଜାତିର ଦିଗ୍‌ବିଜୟୀ ସମ୍ରାଟ ଖାରବେଳ ଯେପରି ସୁଦୂର ସିନ୍ଧୁଦେଶଯାଏ ମାଡିଯାଇ ଦେଶକୁ ଏକୀକୃତ କରିଥିଲେ । ସେହିପରି ଧର୍ମର, ପ୍ରଚାର ପାଇଁ ଦ୍ୱିତୀୟ ବୁଦ୍ଧଭାବେ ବିଶ୍ୱରେ ପରିଚିତ ଓଡିଆ ବୌଦ୍ଧ ଧର୍ମଗୁରୁ ପଦ୍ମସମ୍ଭବ ବୌଦ୍ଧଧର୍ମକୁ ବିଶ୍ୱବ୍ୟାପି କରିବାରେ ସହାୟକ ହୋଇଥିଲେ । ଅଥଚ ଜୋର ଜବରଦସ୍ତ ଅନ୍ୟଠାରୁ ଦାବିହାସଲରେ ସ୍ୱଭାବ ଦୃଷ୍ଟିରୁ ପଛୁଆ, ଆତ୍ମପ୍ରଚାରରେ ଉଦାସୀନ ଏହି ଜାତି ସ୍ୱାଧୀନତା ପରେ ମଧ ନିଜ ଭାଷାର ପ୍ରାମାଣିକତାର ପ୍ରମାଣ ଦେବାକୁ ବିଳମ୍ବ କରିବା ଯୋଗୁ ବିଳମ୍ବରେ ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ସକ୍ଷମ ହୋଇଛି । ଶାସ୍ତ୍ରୀୟମାନ୍ୟତା ଲାଭପରେ ଭାଷାର ବ୍ୟବହାର, ପ୍ରଚାର- ପ୍ରସାର, ବିସ୍ତାର, ପ୍ରକାଶନ, ଗବେଷଣା, ଅନୁସନ୍ଧାନ,ଅଧ୍ୟୟନ, ଅନୁଶୀଳନ ଯେପରି ଅଧିକ ହେବା କଥା ତାହା ଆଶାନୁରୂପକ ହୋଇପାରିନାହିଁ । ହଁ, ଗୋଟିଏ ବିଷୟ ହୋଇଛି ଯେ ଭାଷାକୁ କେନ୍ଦ୍ରକରି ଅନେକ ସଂଗଠନ ବା ଗୋଷ୍ଠୀ ଗଠିତ ହୋଇଛି ସଡକରୁ ସଂସଦଯାଏ ମାଡିଯିବା ଲାଗି ରାଜରାସ୍ତାରେ ଆହ୍ୱାନ ଶୁଣାଯାଉଛି । ଅନେକ ରାଜନେତା ଏଥିରେ ସକ୍ରିୟ ମଧ ହୋଇ ଉଠିଛନ୍ତି । ଭାଷାକୈନ୍ଦ୍ରିକ ଆବେଗ ମାଧମରେ ଅନେକ ଜନସମର୍ଥନ ମିଳିପାରିବ ବୋଲି ସେମାନଙ୍କ ମନରେ ବିଶ୍ୱାସ ରହିଛି । ଦକ୍ଷିଣ ଭାରତର ଲୋକେ ଯେପରି ହିନ୍ଦୀଭାଷାକୁ ବିରୋଧ କରିବାକୁ ଯାଇ ଦ୍ରାବିଡ ରାଜନୀତିକୁ ୫୦ବର୍ଷଧରି ପ୍ରତିଷ୍ଠା ଦେଇଆସିଛନ୍ତି, ଠିକ୍ ସେମିତି ଓଡିଶାରେ ମଧ ଆଞ୍ଚଳିକ ରାଜନୀତିକୁ ପ୍ରତିଷ୍ଠା ମିଳିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି ଭାଷାକୁ କେନ୍ଦ୍ରକରି ଅନୁଷ୍ଠାନ ଏପରିକି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଗଠନ ପାଇଁ ମଧ ପ୍ରସ୍ତାବ ଯାଇସାରିଲାଣି । ଆଗାମୀ ଦିନରେ କେନ୍ଦ୍ରରୁ ଏଥିପାଇଁ ଆବଶ୍ୟକ ଅନୁଦାନ ଆସିଲେ ସମସ୍ତେ ଏଥିରେ ଅଳ୍ପେ ବହୁତେ ଉପକୃତ ହେବେ ବୋଲି ଚାତକପ୍ରାୟ ଆଶାରଖି ଚାହିଁ ବସିଛନ୍ତି । ସେଥିପାଇଁ ଠିକଣା ସମୟରେ ନିଜର ଦାବି ସରକାରଙ୍କଠାରେ ଉପସ୍ଥାପିତକରି ଅନୁଷ୍ଠାନ କିମ୍ବା କମିଟି ଭିତରେ ପ୍ରବେଶ କରିବା ଲାଗି ଅନେକେ ଲବି କରିବା ଆରମ୍ଭ କରିଦେଲେଣି ।

ଏହି ପରିସ୍ଥିତିରେ ଭାଷାର ବ୍ୟବହାର କଥା ଯେତେ ନଆସୁଛି ଭାଷା ସଂପର୍କରେ ଅଧିକ କୁମ୍ଭୀର କାନ୍ଦଣା ଶୁଣାଯାଉଛି । ଭାଷା ମରିଯାଉଛି, ମରିଯାଉଛି ବୋଲି ଯେଉଁ ବକ୍ତାମାନେ କଣ୍ଠଫଟାଇ ଭାଷଣ ଦେଉଛନ୍ତି ସେମାନଙ୍କ ଘରକୁ ଗଲେ ଦେଖିବାକୁ ମିଳୁଛି ଯେ ସେମାନଙ୍କ ପିଲା, ନାତିନାତୁଣୀମାନେ ଓଡିଆ ଶିକ୍ଷାଠାରୁ ବହୁ ଦୂରରେ । ଆଗେ କୁହାଯାଉଥିଲା 'ପାନଗୁଆ ଖଇର ଖିଲିକାତି ଭଲ ବ୍ୟବସାୟ ରାଜନୀତି' । ଆଉ ଏବେ କୁହାଯାଉଛି 'ପ୍ରଚାର ପାଇଁକି ଭଲ ବେଉସା କହିଚାଲ ମଲା ଓଡିଆ ଭାଷା' ।

ସଂପ୍ରତି ଓଡିଆ ଭାଷାର ସବୁଠୁ ବଡ ସମସ୍ୟା ହେଉଛି ଅଧ୍ୟାପନା । କିଏ ଓଡିଆ ଭାଷାର ପଣ୍ଡିତ ସେ ନେଇ ଏବେ ରାଜ୍ୟରେ ଢେର ବିତର୍କ ଲାଗିରହିଛି । କିଛି ଲୋକ ଭାଷାକୈନ୍ଦ୍ରିକ ଶିକ୍ଷାନୁଷ୍ଠାନର ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରଦତ୍ତ ଡିଗ୍ରୀଧାରୀ ନହେଲେ ଭାଷାବିତ୍ ବୋଲି କେହି କହିବା ଠିକ୍ ନୁହେଁ ବୋଲି କହିଲା ବେଳେ ଅନ୍ୟ କେତେକ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗରୁ ଡିଗ୍ରୀ କିମ୍ବା ଗବେଷଣା କରି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ତଥା ଗବେଷକଙ୍କୁ ଭାଷାବିତ୍ ଭାବେ ମାନିବାଲାଗି ପ୍ରସ୍ତୁତ ନୁହନ୍ତି । ସେମାନଙ୍କ କହିବା ମୁତାବକ ବର୍ତ୍ତମାନର ଢାଞ୍ଚାରେ ପଢାଯାଉଥିବା ପାଠ୍ୟକ୍ରମ ଭାଷା କୈନ୍ଦ୍ରିକ ହୋଇନଥିବାରୁ ସେଠାରୁ ଡିଗ୍ରୀ ପାଉଥିବା ଲୋକଙ୍କୁ ପଣ୍ଡିତ ବୋଲି କୁହାଯାଇପାରିବ ନାହିଁ । ସେମାନେ ଯଦି ରାଜ୍ୟ ବାହାରର କୌଣସି ବିଶ୍ୱବିଦ୍ୟାଳୟରୁ ଭାଷା ସଂପର୍କରେ ଡିଗ୍ରୀଲାଭ କରିଥିବେ ତେବେ ସେ ଭାଷାପଣ୍ଡିତ ହୋଇପାରିବେ ।

ଏହି ଦୃଷ୍ଟିକୋଣରୁ ଅତୀତ ଦିନରେ ଓଡିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ପଦ ନିଯୁକ୍ତି ବେଳେ ନାନା ବିତର୍କ ହୋଇଆସିଛି । ଏପରିକି କିଏ କାଶୀ ପଣ୍ଡିତ ଆଉ କିଏ ଭୁସ୍ ପଣ୍ଡିତ ସେ ସଂପର୍କରେ ରୋଚକ ଆଲୋଚନାମାନ ପତ୍ରପତ୍ରିକାରେ ସ୍ଥାନ ପାଇଛି । ଏହି ଅନୁଷ୍ଠାନ ୧୦ବର୍ଷ ପୂର୍ବେ ଗଠିତ ହୋଇଥିଲେ ମଧ ଆଦୌ କିଛି କରୁନଥିବା ଅଭିଯୋଗ ଅନେକ ସମୟରେ ଉଠିଛି । ଅପରପକ୍ଷେ ବର୍ଣ୍ଣମାଳାର ପଣ୍ଡିତଙ୍କ ଲଢେଇ ଯୋଗୁ ଏହି ଅନୁଷ୍ଠାନ ଢେର କ୍ଷତିଗ୍ରସ୍ତ ହୋଇଛି ଆର୍ଥିକ ଦୃଷ୍ଟିକୋଣରୁ ଏବଂ ପ୍ରକାଶନ ଦୃଷ୍ଟିକୋଣରୁ । ଫଳରେ ମତଭେଦର ଟଣାଓଟାରେ ଅନୁଷ୍ଠାନର ପଦପଦବୀ ନିଯୁକ୍ତିରେ ବିଳମ୍ବ ଘଟିଛି,ଏପରିକି ବର୍ଷ ବର୍ଷ ଧରି ଖାଲି ପଡିଆସିଛି । କାହାଲୋକ ଚଉକିପାଇବ ଆଉ ବାବୁଙ୍କ ସଉକ ମେଣ୍ଟିବ ସେହି ଷଡଯନ୍ତ୍ରର ଶିକାର ହୋଇଛି ଏହି ଭାଷା ଅନୁଷ୍ଠାନ ।

ଏକଦା ରାଜ୍ୟର ପାଠ୍ୟକ୍ରମ ଭିତରୁ ଭାଷାକୁ କଲେଜସ୍ତରରୁ ଉଠାଇବାକୁ ସଫଳ ପ୍ରୟାସ ହୋଇଥିଲା ବେଳେ କେନ୍ଦ୍ରୀୟ, ବେସରକାରୀ ବିଦ୍ୟାଳୟରେ ଅତିମାତ୍ରାରେ ଭାଷା ବିଲୋପ ଅଭିଯାନ ସଫଳତା ଲାଭ କରିଛି । ସରକାରଙ୍କ ଠାରୁ ଶସ୍ତାରେ, ସୁବିଧାରେ ଜମିନେଇ ଶିକ୍ଷା ବ୍ୟବସାୟ ଚଳାଇ ଆସିଥିବା ଏହି ଶିକ୍ଷାନୁଷ୍ଠାନମାନେ ରାଜ୍ୟର ଭାଷାକୁ କବ୍ୟକ୍ତି ହୋଇପାରିବ । ଲର୍ଡ ମେକଲେ ଯେଉଁ ଷଡଯନ୍ତ୍ର ଚଳାଇଥିଲେ ତାହାକୁ ଏବେମଧ ଆମ ରାଜ୍ୟରେ ଚାଲୁ ରଖାଯାଇଛି । ବ୍ୟକ୍ତିକୁ ସଂସ୍କୃତିବିହୀନ କରିବାର ଏହା ହେଉଛି ଆଦ୍ୟ ଓଁକାର । ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପରଠୁ ପ୍ରତିଦିନ ଆତ୍ମଘୋଷିତ ଭାଷାବିତ୍‌ଙ୍କ ସଂଖ୍ୟାରେ ବନ୍ୟା ଆସିଛି । ଅନେକ ପ୍ରକାର ପ୍ରିଫେଡ ପୁରସ୍କାର ବାଣ୍ଟୁଥିବା ଅନୁଷ୍ଠାନ ପକ୍ଷରୁ ମଧ ଭାଷାଗୌରବ, ଭାଷାସୌରଭ ଭାଷାସମ୍ରାଟ ପରି ସ୍ୱଘୋଷିତ ପଦକ ବଣ୍ଟାଯାଇଛି । ରାଜ୍ୟରେ ରଙ୍ଗୀନ କପିଅରର ସଂଖ୍ୟାବୃଦ୍ଧି ସହ ଏହି ସମ୍ମାନ ମାତ୍ର କେଇ ମିନିଟ୍ ମଧରେ ପ୍ରସ୍ତୁତ ହୋଇପାରୁଛି । କେବଳ ନେଇପାରିବାର ରାସ୍ତା ଜଣାଥିବା ଦରକାର । ଭାଷା ଅଧ୍ୟୟନ ନଥିଲେ ମଧ ଚଳୁଛି । ଭାଷା କହିପାରୁନଥିବା ନେତାଟିଏ ମଧ ଦଶନ୍ଧି ଦଶନ୍ଧିଧରି ଯଦି ରାଜ୍ୟରେ ବିନା ବିରୋଧରେ ଶାସନ କରିବାକୁ ସକ୍ଷମ ହୋଇପାରୁଛି, ସେତେବେଳେ ଇଏବା କେଉଁ ବଡକଥା । କେବଳ ଏଠି ଚଳେଇ ନେବାଟା ହେଉଛି ସବୁଠୁ ବଡ ବାହାଦୂରୀ ।

ସବୁ ବିଦ୍ୟାଳୟରେ ଆଉ ଆଗପରି ସାହିତ୍ୟ ଶିକ୍ଷକମାନେ ନାହାନ୍ତି କି ଭାଷା ଶିକ୍ଷକ ନାହାନ୍ତି । ସରକାରଙ୍କ ଦୃଷ୍ଟିରେ ସବୁଲୋକେ ଭାଷା ପଢାଇପାରିବେ । ଭାଷା ପଢାଇବା ସବୁଠୁ ସରଳ ବୋଲି ମନେକରୁଥିବା ପ୍ରଶାସକମାନେ ଭାଷାମାରଣର ଏହି ଅମୋଘ ଅସ୍ତ୍ର ବିଦ୍ୟାଳୟ ସ୍ତରରେ ପ୍ରୟୋଗ କରିଛନ୍ତି । ମୂଳୁ ମାଇଲେ ଯିବସରି ନୀତିରେ ତଳୁ ମାରିଦେଲେ ଆଉ ଭାଷାଥିବ ଯେ ଆଗକୁ କେହି ଭାଷା ପଢିବ ବୋଲି କହିବ । ଏହି ନୀତିର ଶିକାର ହୋଇ ଗୋଟିଏ ବର୍ଷ ହାଇସ୍କୁଲ ପରୀକ୍ଷାରେ ୪୫ ପ୍ରତିଶତ ପିଲା କେବଳ ଭାଷା ଯୋଗୁ ଫେଲ ହୋଇଥିଲେ । ଭାଷା ଶିକ୍ଷାକୁ ବିଦ୍ୟାଳୟ ସ୍ତରରେ ଅଧିକ ପ୍ରାମାଣିକ, ଅଧିକ ବୈଜ୍ଞାନିକ ପ୍ରଣାଳୀ ସହ ନ ଯୋଡିଲେ ଭାଷାଶିକ୍ଷଣ ପିଲାଙ୍କ ପାଇଁ ସହଜ ହେବନାହିଁ । ଅଧିକନ୍ତୁ ଭାଷାକୁ ଶିଖାଇବା ନିମନ୍ତେ କିପରି ଦୃଶ୍ୟଶ୍ରାବ୍ୟ ମାଧମର ସହାୟତା ନିଆଯାଇପାରେ ସେଥିପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ । ଭାଷାଶିକ୍ଷା ପ୍ରଣାଳୀ ଦିନକୁ ଦିନ ଅଧିକ ଗବେଷଣାତ୍ମକ, ପରୀକ୍ଷାରୁ ବାହାରି ବିଦ୍ୟାଳୟକୁ ଆସୁ । ପିଲାମାନେ ସେ ସବୁର ସୁବିଧା ପାଆନ୍ତୁ, ଏହା ଲକ୍ଷ୍ୟ ହେବା ଉଚିତ୍ । ଭାଷାର ବ୍ୟବହାର, ଶୁଦ୍ଧ ପ୍ରୟୋଗ ପାଇଁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ଗଠନ ନହେଲେ ଭାଷାର ବ୍ୟବହାର ବଢିବ ନାହିଁ । ଭାଷା ଶିକ୍ଷା ନିମିତ୍ତ ଅଧିକରୁ ଅଧିକ ପୁସ୍ତକ ରଚନା ଓ ପ୍ରକାଶ ପାଇବା ଆବଶ୍ୟକ । ଶିକ୍ଷକମାନଙ୍କ ଭାଷାଜ୍ଞାନ ବୃଦ୍ଧି ଛାତ୍ରଛାତ୍ରୀଙ୍କ ଶୁଦ୍ଧ ଲେଖା କୌଶଳ ଉପରେ ବିଦ୍ୟାଳୟ ଗୁଡିକରେ ଅଧିକ ଜୋରଦେବା ଜରୁରୀ । ଛାତ୍ରଛାତ୍ରୀମାନେ ହେଉଛନ୍ତି ଭାଷାର ଭବିଷ୍ୟତ । ଭାଷାର ଶୁଦ୍ଧ ରଚନା, ଶୁଦ୍ଧ ଉଚ୍ଚାରଣ, ଶୁଦ୍ଧ ବ୍ୟବହାର ପାଇଁ ଏମାନେ ଭାଷା ସେନା ଭଳି କାର୍ଯ୍ୟ କରିଥାନ୍ତି । ଭାଷାର ଭବିଷ୍ୟତ ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାରେ ନିହିତ ଅଛି । ଏମାନଙ୍କୁ ଠିକଣା ଢଙ୍ଗରେ ପ୍ରସ୍ତୁତ କରିପାରିଲେ ସମାଜ,ରାଜ୍ୟ ଓ ଦେଶରେ କେବଳ ନୁହେଁ, ବିଶ୍ୱରେ ମଧ ଭାଷାର ବ୍ୟବହାର ତଥା ପ୍ରସାର ସମ୍ଭବ ହେବ ।

ସେହିପରି ଅଣଓଡିଆ ଭାଷାଭାଷୀଙ୍କୁ ସହଜରେ ଭାଷାଶିକ୍ଷା କାର୍ଯ୍ୟକ୍ରମ ସିଡି ପ୍ରସ୍ତୁତ କରି ଶିକ୍ଷାଦେବା ଆବଶ୍ୟକ । ରାଜ୍ୟ ବାହାରେ ଅନେକଗୁଡିଏ ସ୍ଥାନରେ ଜଗନ୍ନାଥ ମନ୍ଦିର ରହିଛି । ସେ ସବୁକୁ କେନ୍ଦ୍ରକରି ଓଡିଆ ଭାଷା ଶିକ୍ଷାକେନ୍ଦ୍ର ଖୋଲାଯାଇପାରେ । ସେଠାରେ ଭାଷାକେନ୍ଦ୍ର ସହ ଓଡିଆ ପାଠାଗାରକୁ ଯୋଡିଦେଲେ ତାହା ସବୁଦିନିଆ ସଂସ୍କୃତି ଶିକ୍ଷାକେନ୍ଦ୍ର ହୋଇପାରନ୍ତା ।

ସିପାହୀ ଆନ୍ଦୋଳନ ପରେ ସୁରେନ୍ଦ୍ର ସାଏଙ୍କ ଅନୁଗାମୀଙ୍କଠାରୁ ଆକ୍ରମଣ ଆଶଙ୍କା କରୁଥିବା ଇଂରେଜ ସରକାର ପଶ୍ଚିମ ଓଡିଶାରୁ ବାଛି ବାଛି ୩୦,୦୦୦ସଂଖ୍ୟକ ଲୋକଙ୍କୁ ଆସାମର ଚାହା ବଗିଚାରେ କାମ କରିବାଲାଗି ଚାଲାଣ କରିଥିଲେ । ସରକାରୀ ସ୍ତରରେ ସେମାନଙ୍କ ବିଷୟରେ ସବିଶେଷ ତଥ୍ୟ ରଖାଯାଇ ନଥିଲା । ଏହା ୧୮୯୦ପରଠାରୁ ଆରମ୍ଭ ହୋଇଥିବାର ଜଣାଯାଏ । ଗତ ୧୦୦ବର୍ଷରୁ ଅଧିକକାଳ ଧରି ଆସାମ ଚାହା ବଗିଚାରେ ଥିବା ଓଡିଆ ଲୋକେ ଓଡିଆ କଥା କହୁଥିଲେ ହେଁ ଲିପିଶିକ୍ଷାରୁ ବଞ୍ଚିତ ହୋଇ ରହିଛନ୍ତି । ସେମାନଙ୍କ ସଂଖ୍ୟା ଇତିମଧରେ ତିନିଲକ୍ଷରୁ ଅଧିକ ହୋଇଥିବାର ଜଣାଯାଏ । ଭାଷାଶିକ୍ଷାରୁ ବଞ୍ଚିତ ହୋଇରହିଥିବା ଓଡିଆ ଲୋକେ ଦେଶ ଭିତରେ ଯେଉଁଠି ଥାଆନ୍ତୁ ନା କାହିଁକି ସେମାନଙ୍କ ପାଇଁ ଭାଷାଶିକ୍ଷା ହାତ ପାଆନ୍ତାରେ ମିଳିବା ଉଚିତ୍ । ପତ୍ରାଚାର ମାଧମରେ ଓଡିଆ ଭାଷାଶିକ୍ଷା କାର୍ଯ୍ୟକ୍ରମ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକ ହାତକୁ ନେଇ ଆରମ୍ଭ କରିବପାରିବେ । ସେହିପରି ଭାଷାର ସଂଗୀତ, ସାହିତ୍ୟ କିପରି ରାଜ୍ୟଠାରୁ ଦୂରରେ ଏପରିକି ବିଦେଶରେ ଥିବା ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ପୁସ୍ତକର ଡିଜିଟାଲକରଣ ଆବଶ୍ୟକ । ଓଡିଆଶିକ୍ଷା ପୁସ୍ତିକା ଡିଜିଟାଲ ରୂପରେ ବିଦେଶୀ ଓଡିଆ ପିଲାଙ୍କ ପାଇଁ ପଠାଯାଇପାରେ ।

ସରକାରୀ କଳର ପ୍ରଶାସନିକ, ବିଚାର ଏବଂ ବୈଧାନିକ କ୍ଷେତ୍ରରେ ଓଡିଆ ଭାଷାର ବ୍ୟବହାର ବୃଦ୍ଧିପାଇଁ ସରକାରୀ ନଥିପତ୍ର ଲେଖାପାଇଁ ଶିକ୍ଷାପ୍ରଦାନ ଜରୁରୀ । ଏଥିପାଇଁ ଆବଶ୍ୟକ ପୁସ୍ତକ ମଧ ରଚନା କରାଯିବା ଦରକାର । ଚିଠିପତ୍ର ଦେଣନେଣ, ବ୍ୟବସାୟ ବାଣିଜ୍ୟ, ଏପରିକି ବୈଷୟିକ ଶିକ୍ଷା ମଧ ଓଡିଆରେ ହୋଇପାରିବ । ରୁଷିଆ, ଫ୍ରାନ୍‌ସ, ଜର୍ମାନୀ, ଜାପାନ, ଚୀନ ଆଦି ଦେଶରେ ନିଜ ଭାଷାରେ ବୈଷୟିକ ଶିକ୍ଷାପାଇ ପିଲାମାନେ ପ୍ରସିଦ୍ଧିଲାଭ କରିପାରୁଛନ୍ତି । ତେଣୁ ଓଡିଆରେ ଚିକିତ୍ସାଠାରୁ ବିଜ୍ଞାନ ପର୍ଯ୍ୟନ୍ତ ସବୁ କିଛିକୁ ଓଡିଆରେ ପଢାଯାଇପାରିବ । ଏସବୁ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି । ଏହା ହେଲେ ରାଜ୍ୟର ପୁସ୍ତକ ଶିଳ୍ପରେ ବିପ୍ଳବ ଘଟିବ ବୋଲି କୁହାଯାଇପାରେ । ପେସାରେ ଓଡିଆ ଭାଷାର ବ୍ୟବହାର ହେଲେ ଭାଷାଭିତ୍ତିକ ନିଯୁକ୍ତିର ସୁଯୋଗ ବଢିବ । କେନ୍ଦ୍ର ସରକାର ବ୍ୟାଙ୍କଠାରୁ ଆରମ୍ଭକରି ସମସ୍ତ ବିଭାଗପାଇଁ ଯେପରି ଭାଷା ଅଧିକାରୀ ନିଯୁକ୍ତି ଦେଇଛନ୍ତି ସେମିତି ରାଜ୍ୟସରକାର ସବୁ ବିଭାଗରେ ନିଜର ଭାଷା ଅଧିକାରୀଙ୍କୁ ନିଯୁକ୍ତି ଦେଇ ଭାଷାର ବ୍ୟବହାରକୁ ସହଜ କରିପାରିବେ । ଓଡିଆ ଭାଷାକୁ ବିଶ୍ୱଭାଷା କରି ଛିଡା କରିବାପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ, ନିଜସ୍ୱ ଯୋଜନାରେ ପ୍ରୟାସ ଜାରିରଖିବା ଆବଶ୍ୟକ । ସରକାର ତାଙ୍କ କ୍ଷେତ୍ରରେ କାର୍ଯ୍ୟକରିବେ । କିନ୍ତୁ ଜନତା ଯେକୌଣସି ସରକାରଙ୍କଠାରୁ ଅଧିକ କାର୍ଯ୍ୟ କରିପାରିବେ । ପରିବାରଠାରୁ ସମାଜ, ରାଜ୍ୟଠାରୁ ଦେଶଯାଏ, ଦେଶ ବାହାରେ ବିଶ୍ୱ ପର୍ଯ୍ୟନ୍ତ ଏ ଭାଷାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅନୁବାଦ ଉପରେ ଅଧିକ ଜୋର ଦିଆଯିବା ଆବଶ୍ୟକ । ସଂକଳ୍ପ ଥିଲେ ବିକଳ୍ପ ମିଳିବ ଏଥିରେ ସନ୍ଦେହ ନାହିଁ । ବିକଳ୍ପ ରାସ୍ତା ଖୋଜି ଆମେ ବିଜୟୀ ହେବା, ଭାଷାର ବ୍ୟବହାର ଓ ପ୍ରସାରକୁ ବ୍ୟାପକ କରିପାରିବା ।

*ଭାରତୀୟ ସମ୍ବାଦସେବା (ଭାସ)*
ଭୁବନେଶ୍ୱର

# ସଙ୍ଗୀତର ବୈଶିଷ୍ଟ୍ୟ

ଗୀତାରାଣୀ ମିଶ୍ର

ଇତିହାସ ପୃଷ୍ଠାକୁ ଆସିଲେ ଜାଣିବା କୃଷ୍ଣପ୍ରେମିକା ମୀରାବାଇ ଶ୍ରୀକୃଷ୍ଣଙ୍କର ଭଜନ ଗାନ କଲାବେଳେ 'ଦୋତାରା' ନାମକ ଏକ ସଙ୍ଗୀତଯନ୍ତ୍ର ବଜାଇ ଭାବବିହ୍ୱଳ ହୋଇଯାନ୍ତି । ଏଠାରେ କହି ରଖିବାକୁ ଚାହେଁ ବୀଣାର ୭ଗୋଟି ତାର, ତାନପୁରାରେ ୩ଗୋଟି ତାର ଥାଏ । ମାତ୍ର 'ଦୋତାରା' ଦ୍ୱି'ତାର ବିଶିଷ୍ଟ ଅଟେ, ଯାହାକୁ କେବଳ ମୀରାବାଇ ବାଦନ କରୁଥିଲେ । ଏମିତି ସଙ୍ଗୀତର ଚର୍ଚ୍ଚା କଲାବେଳେ ସମ୍ରାଟ ଆକବରଙ୍କର ରାଜସଭାର ବୈଜୁବାବରା ଓ ତାନ୍‌ସେନ୍‌ଙ୍କ ନାମ ଅତି ସହଜରେ ଆଖି ଆଗକୁ ଆସେ । ସୁରସମ୍ରାଟ ତାନ୍‌ସେନ୍‌ଙ୍କର 'ଦୀପକ' ରାଗ ଗାନ କଲାବେଳେ କୁଆଡ଼େ ଦୀପ ଜଳି ଉଠୁଥିଲା ଏବଂ 'ମେଘମହ୍ଲାର' ରାଗରେ ଆକାଶରୁ ବୃଷ୍ଟିପାତ ହେଉଥିଲା ବୋଲି ଆମର କିମ୍ବଦନ୍ତୀ କହେ । ଆହୁରି ମଧ ତାଙ୍କର ସ୍ୱରଲହରୀରେ ଏପରି କୁହୁକ ଥିଲା ଯେ ତା' ପ୍ରଭାବରେ ଗଛମାନଙ୍କରେ ସ୍ୱୟଂ ଋତୁରାଜ ବସନ୍ତଋତୁ ଶୋଭାମାନ ହୋଇ ବୃକ୍ଷଲତା ପୁଷ୍ପିତ ଓ ପଲ୍ଲବୀତ ହୋଇ ଉଠୁଥିଲେ । ଏ ସମସ୍ତ କଥାକୁ ପୁଙ୍ଖାନୁପୁଙ୍ଖ ଭାବେ ବିଚାର କଲେ ଆମେ ନିଶ୍ଚିତ ଭାବରେ ମାନିନେବା ଯେ, ପ୍ରକୃତରେ ସଙ୍ଗୀତ ଏକ ଦୈବୀ କଳା ଓ ଏହା ଈଶ୍ୱରଙ୍କର ଅମୂଲ୍ୟ ବରଦାନ ଅଟେ । ଏବେ ଆଧୁନିକ ଚିକିତ୍ସାବିଜ୍ଞାନୀମାନେ ହୃଦ୍‌ରୋଗର ନିରାକରଣ ପାଇଁ ସଙ୍ଗୀତକୁ ଏକ ମାଧ୍ୟମ ରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି । କେବଳ ହୃଦ୍‌ରୋଗ ନୁହେଁ ବିଭିନ୍ନ ମାନସିକ ରୋଗ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ରୋଗର ନିରାକରଣ ପାଇଁ ଏହା ଏକ ଅମୋଘ ପ୍ରୟୋଗ ମଧ୍ୟ ଅଟେ । କାରଣ ଧୀର ସଙ୍ଗୀତ ନିୟମିତ ଭାବରେ ସ୍ୱଳ୍ପ ସମୟ ପାଇଁ ଶୁଣିଲେ ମଧ୍ୟ ମନରୁ ବିଷାଦ, ଅବସାଦ ସବୁ କିଛି ହଟିଯାଇ ହୃଦୟରେ ଅଖଣ୍ଡ ଶାନ୍ତି ବିରାଜମାନ କରେ । କୁହାଯାଏ, ଏକଛତ୍ରବାଦୀ ମୁସୋଲିନୀ ଅନିଦ୍ରା ରୋଗରେ ପୀଡିତ ଥିବାରୁ ସେ ବିଶ୍ୱାସ ନକଲେ ମଧ୍ୟ ପଣ୍ଡିତ ଓଁକାର ନାଥ ଠାକୁରଙ୍କର ଶିଷ୍ୟମାନେ ଥରେ ତାଙ୍କୁ ବୁଝାଇ ସୁଝାଇ ସଙ୍ଗୀତ ଚିକିତ୍ସା ଦ୍ୱାରା ଏହାର ଉପଚାର କରାଇ ପାରିଥିଲେ, ଯଦ୍ୱାରା ମୁସୋଲିନୀଙ୍କର ଅନିଦ୍ରା ରୋଗ ଦୂର ହୋଇ ପାରିଥିଲା ।

ଯେମିତି ଜନନୀର ନାନାବାୟା ଗୀତ ଶିଶୁର କାନ୍ଦବନ୍ଦ କରିଦେଇ ପାରେ, ସେମିତି ସଙ୍ଗୀତର ଅଲୌକିକ ଶକ୍ତି ମନକୁ ଉତ୍ତେଜନା ମୁକ୍ତ କରିପାରିଥାଏ । ଏହାର କାରଣ ଉପରେ ୧୯୮୫ରେ 'ଜେନରାଲ୍ ଅଫ୍ ମ୍ୟୁଜିକ୍ ଥେରାପି' ଉପରେ ଗବେଷଣା କରୁଥିବା ଗବେଷକ ମାର୍କ ରାଇଜର ଓ ଫ୍ଲାୟଟ୍ ଲେଖନ୍ତି, 'ସଙ୍ଗୀତ ଉତ୍ତେଜନା ପାଇଁ ଦାୟୀ ହର୍‌ମୋନ୍ କର୍ଟିସୋଲର୍ ମାତ୍ରାକୁ କମ୍ କରିଥାଏ, ଯଦ୍ୱାରା ଶରୀର ଉତ୍ତେଜନାମୁକ୍ତ ଓ ଶାନ୍ତ ହୋଇଥାଏ ।' ଭାରତୀୟ ସଙ୍ଗୀତ ବିବିଧ ରୋଗର ଶମନ କରିଥାଏ । କାରଣ ଏହା ସପ୍ତସ୍ୱର (ସା, ରେ, ଗା, ମା, ପା, ଧା, ନି)ର ଆଧାର ବିଶିଷ୍ଟ ଅଟେ । ତେଣୁ ଅତୀତରେ ବହୁ ରାଗରାଗିଣୀ ଆଧାରିତ ଆମ ସଙ୍ଗୀତର ବିବିଧ ରାଗ ନାନାପ୍ରକାର ରୋଗ ଦୂର କରିବା ପାଇଁ ପ୍ରୟୋଗ କରାଯାଇଥାଏ । ଜ୍ୱର ରୋଗ ଦୂର କରିବା ପାଇଁ 'ମାଳକୌସ' ରାଗ, ଚର୍ମରୋଗ ଠିକ୍ କରିବା ପାଇଁ 'ଦେସ ଏବଂ ମହ୍ଲାର' ରାଗ, ଏସିଡିଟି ପାଇଁ 'କଳାବତୀ' ରାଗ, ମଧୁମେହର ଉପଚାର ନିମିତ୍ତ 'ଜୟବନ୍ତୀ' ଏବଂ 'ଜୌନପୁରୀ' ରାଗ, ମାନସିକ ଉତ୍ତେଜନା ଦୂର ପାଇଁ 'ଲଳିତ ଏବଂ ନନ୍ଦ' ରାଗ, ବିଚଳନ ଦୂର ପାଇଁ 'ଅହୀର-ଭୈରବ' ରାଗ, ହୃଦ୍‌ରୋଗ ଉପଚାର ପାଇଁ 'ଭୈରବୀ ଓ ଶିବରଞ୍ଜନୀ' ରାଗ, ଆସ୍ଥମାର ଉପଚାର ପାଇଁ 'ରାଗ୍ ୟମନ୍', ନେତ୍ରରୋଗ ଉପଚାର ପାଇଁ 'ବସନ୍ତବହାର', ଅସ୍ଥିରତା ଓ କ୍ରୋଧ ସମନ ପାଇଁ 'ମହ୍ଲାର', ଶ୍ୱାସ ସମ୍ବନ୍ଧୀୟ ଅସୁବିଧା କାଶ, ଆଜ୍‌ମା, ଯକ୍ଷ୍ମା ଇତ୍ୟାଦିରେ 'ଭୈରବ' ରାଗ, ରକ୍ତ ଅଶୁଦ୍ଧିର ପରିସ୍ଥିତିରେ 'ରାଗ ଅସ୍ତାବରୀ', 'ମେଦା', ସେହିପରି ଯକୃତ୍, ପ୍ଲୀହା ବୃଦ୍ଧିରେ 'ରାଗ ହିଡୋଲ୍' ଇତ୍ୟାଦିର ପ୍ରୟୋଗ କରାଯାଉଥିଲା । ଏବେ ନୂତନ ଗବେଷଣା ଅନୁସାରେ 'ଭୂପାଳୀ ଓ ମାରୱା' ରାଗ ଦ୍ୱାରା ଅନ୍ତ୍ରରୋଗଗୁଡ଼ିକର ଲାଭ ମିଳିଥାଏ । ସେହିପରି 'ରାମକଲୀ', 'ସାରଙ୍ଗ', 'ମୁଲତାନୀ' ରାଗ ଦ୍ୱାରା କ୍ଷୟ ରୋଗ ଦୂର ହୁଏ ଏବଂ 'ବସନ୍ତ' ଓ 'ସୋରଠୀ' ରାଗ ଦ୍ୱାରା ନପୁଂସକତା ରୋଗ ଦୂର ହେବା ସହ 'ଆଶାବରୀ' ରାଗ ଗାୟନ ଦ୍ୱାରା ମୁଣ୍ଡର ରୋଗ ଦୂର ହୋଇପାରେ ।

ଦୈନନ୍ଦିନ ଜୀବନରେ ପୂଜା, ପ୍ରାର୍ଥନା ଆଦି ମାଧ୍ୟମ ଆକାରରେ ସଙ୍ଗୀତଯୋଡ଼ି ହୋଇ ଯାଇଥାଏ । ତେଣୁ ଏହା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । କୁହାଯାଏ, ସୁଗମ ଓ ଶାସ୍ତ୍ରୀୟ ସଙ୍ଗୀତ ଦ୍ୱାରା ମନରୁ ମାନସିକ, ଭାବନାତ୍ମକ ବିକାର ଦୂର ହୋଇପାରିଥାଏ । ନାନା ଗବେଷଣାଗତ ତଥ୍ୟରୁ ଜଣାପଡ଼େ, ପ୍ରାୟତଃ ଉନ୍ନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ୟୁରୋପ ମହାଦେଶରେ ସଙ୍ଗୀତ ଦ୍ୱାରା ରୋଗ ଉପଚାରର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୧୯୨୬ ସାଲ୍‌ରେ ଆମ ଦେଶରେ ଟେନ୍‌ସନ୍ ଓ ଡିପ୍ରେସନ୍ ଭଳି ସାଂଘାତିକ ରୋଗର ଉପଚାର ପାଇଁ ମ୍ୟୁଜିକ୍ ଥେରାପିର ସାହାଯ୍ୟ ନିଆଗଲା । ପ୍ରକୃତରେ କହିବାକୁ ଗଲେ ସଙ୍ଗୀତକୁ ଶ୍ରୋତା ହିଁ ଜୀବନ୍ତ କରିଥାନ୍ତି । କାରଣ, ଏହା ଏକ ସୃଜନାତ୍ମକ ପ୍ରକୃତି ଅଟେ । ଯାହା ହୃଦୟକୁ ପରମାତ୍ମାଙ୍କ ସହ ଯୋଡ଼ିଥାଏ । ତେଣୁ ବ୍ରେନ୍ ସ୍କାନ୍ ଦ୍ୱାରା ମେରୁଦଣ୍ଡର ହାଡ଼ ମଧ୍ୟରେ ସଙ୍ଗୀତ କମ୍ପନ ସୃଷ୍ଟି କରିବା କଥା ଏବେ ଲୋକଲୋଚନକୁ ଆସିଛି । ଏପରିକି ପ୍ରସୂତି ଓ ସର୍ଜରୀ ପୀଡ଼ା କମ୍ କରାଯିବା ନିମନ୍ତେ ତଥା ସ୍ମୃତିକୁ ତାଜା ରଖିବା ସକାଶେ ସଙ୍ଗୀତର ଉପଯୋଗ କରାଯାଏ ।

ବିଶେଷକରି ଆମର ହିନ୍ଦୁ ଦେବାଦେବୀଙ୍କର ମନ୍ତ୍ର, ସ୍ତୁତି, ଚାଳିଶା ପାଠର ଉପଯୁକ୍ତ ଉଚ୍ଚାରଣ ଦ୍ୱାରା ଭଗବତ୍ କୃପା ନିଶ୍ଚିତ ପ୍ରାପ୍ତ ହୋଇଥାଏ ବୋଲି ଏ ଲେଖିକାର ମତ । ତେଣୁ ସୁଧୀ ପାଠକେ ! ଏହାର ଉପଯୁକ୍ତ ପ୍ରୟୋଗ କରି ନିଜର ଅନ୍ତର୍ନିହିତ ସୁପ୍ତ ଶକ୍ତିଗୁଡ଼ିକୁ ଜୀବନ୍ତ କରାଇ ଭଗବତ୍ କୃପା ଲାଭ କରନ୍ତୁ । କାରଣ ଏହାର ପ୍ରୟୋଗ ବିଜ୍ଞାନସମ୍ମତ ବୋଲି ବହୁ ବୁଦ୍ଧିଜୀବୀଙ୍କର ମତ । ଉଦାହରଣ ସ୍ୱରୂପ 'ଦି ହିଲିଙ୍ଗ୍ ଫୋର୍ସ ଅଫ୍ ମ୍ୟୁଜିକ୍'ର ଲେଖକ ଆର୍ ମ୍ୟାକ୍‌ଲିନ୍ ଦାବି କରନ୍ତି ଯେ, ଭାରତୀୟ ସଙ୍ଗୀତ ଦିବ୍ୟ ଔଷଧିର କାମ କରି ତନୁ, ମନ ଓ ମସ୍ତିଷ୍କରେଜାଗୃତି ଭରି ଦେଇଥାଏ । ସମ୍ଭବତଃ ଅତୀତରେ ଏହି ଚିନ୍ତାର ଆଧାରରେ ପ୍ରାଚୀନ ଭାରତର ଦିଗ୍‌ଦ୍ରଷ୍ଟା(ମନୁ) ମନ୍ତ୍ରଶାସ୍ତ୍ରୀମାନେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ଅନେକ ମହାନ୍ ମନ୍ତ୍ର ରଚନା କରି ସେହି ମନ୍ତ୍ରମାନଙ୍କର ଅଲୌକିକ ଶକ୍ତି ଜାଗ୍ରତ କରି ନିଜ ପାଖରେ ଠୁଳ କରି ରଖୁଥିଲେ । ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ସଙ୍ଗୀତର ଏକ ରୂପ ହେଉଛି 'ମନ୍ତ୍ର' । ସଙ୍ଗୀତ ହେଉଛି ଶୁକ୍ର ମହାଗ୍ରହଙ୍କର ମାନବ ସମାଜକୁ ଏକ ଅମୂଲ୍ୟ ଦାନ ଓ ଆଶୀର୍ବାଦ ସ୍ୱରୂପ ସଂପଦ ଅଟେ । ତେଣୁ ପ୍ରତ୍ୟେକେ ସବୁଦିନ କିଛି ନା କିଛି ଭଲ ଗୀତ ଶୁଣନ୍ତୁ । ସଙ୍ଗୀତ ସୃଷ୍ଟିକର୍ତ୍ତାଙ୍କରଏପରି ଏକ ଅମୂଲ୍ୟ ସୃଷ୍ଟି ଯାହାର ଅନୁପମ ମାଧୁରୀକୁ ଶୁଣିଦେଲେ ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତା ସବୁରି ଶରୀରରେ ଏକ ଅପୂର୍ବ ଶିହରଣ ସୃଷ୍ଟି ହୁଏ । ସେଥିପାଇଁ ମଣିଷ ମାତ୍ରକେ ସଙ୍ଗୀତ ସହ ଉତ୍ତମ ରୂପେ ପରିଚିତ । ଶାସ୍ତ୍ର କହେ, 'ସଙ୍ଗୀତ ସାହିତ୍ୟ ରସାନଭିଜ୍ଞ, ସାକ୍ଷାତ ପଶୁପୁଚ୍ଛ ବିଷାଣହୀନଃ ।' ଅର୍ଥାତ୍ ସଙ୍ଗୀତ ଓ ସାହିତ୍ୟ ସମ୍ପର୍କରେ ଯାହାର ଜ୍ଞାନ ତଥା ଅଭିରୁଚି ନାହିଁ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ପୁଚ୍ଛ ବିଷାଣହୀନଃ ନରରୂପୀ ପଶୁ ଅଟେ ।

କଳା ସଂସ୍କୃତିର ରାଜ୍ୟ ଓଡ଼ିଶା ମାଟିର ବହୁ ପୁରାତନ ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଚଉତିଶା, ଭଜନ, କୀର୍ତ୍ତନ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଏକ ଆଲୋକଦାୟୀ ମାଇଲ ଖୁଣ୍ଟ ଅଟେ । କହିବାକୁ ଗଲେ, ସଙ୍ଗୀତର ଅପୂର୍ବ ମୁର୍ଚ୍ଛନା ହେତୁ ଏହି ବିଭାଗଗୁଡ଼ିକ ଓଡ଼ିଆ ସାହିତ୍ୟର ପ୍ରାଣସ୍ୱଦ ସ୍ପନ୍ଦନ ଅଟନ୍ତି । ଏ ପରିପ୍ରେକ୍ଷୀରେ କବିବର ରାଧାନାଥ ରାୟ କବିସୂର୍ଯ୍ୟ ବଳଦେବ ରଥଙ୍କର 'କିଶୋର ଚନ୍ଦ୍ରାନନ ଚମ୍ପୂ'ରେ ମୁଗ୍ଧ ହୋଇ ଏକଦା କହିଥିଲେ, 'ଭାବାନ୍ତର ପୁଣି କ୍ଷଣେ କରେ ଜାତ, ଗଲାଣି ତ କଥା ଗଲାରେ ସଙ୍ଗାତ, ସଙ୍ଗୀତ ଆବେଗେ ନାନା ରୂପେ ମନ, ଅତିନ୍ଦ୍ରୀୟ ଦେଶେ କରେ ବିଚରଣ ।'

ସଂସ୍କୃତରେ ମଧ୍ୟ 'ଶିଶୁ ର୍ବେତ୍ତି ପଶୁର୍ବେତ୍ତି, ବେର୍ତ୍ତି ଗୀତରସଂ ଫେଣୀ' ବୋଲି ଉକ୍ତିଟିଏ ଅଛି । କୁହାଯାଏ, ସ୍ୱର ସଙ୍ଗୀତର ପ୍ରଭାବରେ ଆମର ବୃକ୍ଷ ବନସ୍ପତି ମଧ୍ୟ ଆକୃଷ୍ଟ । କାରଣ ସେମାନଙ୍କର ମଧ୍ୟ ଜୀବନ ଅଛି । ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ତାଙ୍କ ଗବେଷଣା ସନ୍ଦର୍ଭରେ ଲେଖିଛନ୍ତି, ଯେଉଁଠାରେ ଶଙ୍ଖ, ଘଣ୍ଟ ଓ ଦିବ୍ୟ ମନ୍ତ୍ରର ଉଚ୍ଚାରଣ ହୋଇଥାଏ, ସେଠାରେ ତୁଳସୀ ଆଦି ଦେବ ବୃକ୍ଷ ସହ ପାଖରେ ଥିବା ଅନ୍ୟାନ୍ୟ ବୃକ୍ଷ ମଧ୍ୟ ପରିପୃଷ୍ଟ ହୋଇଥାନ୍ତି । ଶ୍ରୁତିମଧୁର ଓ ହାଲୁକା ସଙ୍ଗୀତରେ ଚାରାଗଛମାନଙ୍କରେ ସକରାତ୍ମକ ଅଭିବୃଦ୍ଧି ଲକ୍ଷ୍ୟ କରାଯାଏ । ଏମିତି ଅନେକ ଉଦାହରଣ ଅଛି ବର୍ଣ୍ଣନା କରିବା ଏଠାରେ ସମ୍ଭବ ନୁହେଁ । ତଥାପି ଏକଥା ସ୍ପଷ୍ଟ ଯେ, ବୃକ୍ଷଲତାମାନେମଧ୍ୟ ସଙ୍ଗୀତପ୍ରେମୀ ହୋଇଥାନ୍ତି ଏବଂ ନିଜନିଜ ମଧ୍ୟରେ ବାର୍ତ୍ତାଳାପ କରିଥାନ୍ତି । ଆଜି ସୁରସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର ''ୟେ ମେରେ ୱତନ୍ କେ ଲୋଗୋଁ'' ଗାଇଥିବା ଗୀତଟି ସହସ୍ରାଧିକ ସଙ୍ଗୀତ ପ୍ରେମୀଙ୍କର ମନରେ ଦେଶପ୍ରେମ ଭାବର ଧାରା ଜଗାଏ । ମହମ୍ମଦ ରଫିଙ୍କର 'ଏ ଦୁନିଁଆ କେ ରଖିୱାଲେ' ଗୀତଟିରେ ମଣିଷ ମନର କରୁଣ ଭକ୍ତି ନିବେଦନ ଭାବ ଫୁଟିଉଠେ । ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ସୁନନ୍ଦା ପଟ୍ଟନାୟକଙ୍କ 'ଜୀବନ ମାତ୍ର ଭରିଦିଅ ମୋର' ଜଣାଣଟି ଆଖପାଖ ପରିବେଶକୁ ସ୍ନିଗ୍ଧ, ଶାନ୍ତ ଓ ଗାମ୍ଭୀର୍ଯ୍ୟମୟ କରିଦିଏ । ଗାୟକ ମାନ୍ନା ଦେ'ଙ୍କ କଣ୍ଠର ଆମ ଓଡ଼ିଆ ସିନେମା ଗୀତ 'ଗେଲବସରର ଦିନ ସରିଗଲା' ସ୍ନେହଶୀଳ ପିତାଙ୍କ ହୃଦୟରେ ନିଜ ଅଲିଅଳ ଝିଅ ପ୍ରତି ଥିବା ମରମର ବ୍ୟଥାକୁ ଅଚିରେ ଫୁଟାଇ ପାରେ । ସୁରଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ 'ଏଇ ଜୀବନଟା ଏକ ନାଟକ' ଗୀତିଟି ଆମମାନଙ୍କୁ ସଂସାରରୂପକ ରଙ୍ଗମଞ୍ଚରେ ନାୟକ ଭୂମିକାରେ ଅବତୀର୍ଣ୍ଣ କରାଏ । ଚିରସବୁଜ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ 'ସ୍ମୃତି ତୁମେ' ସୁରଝଙ୍କାରରେ ଶତ ଓଡ଼ିଆ ପ୍ରେମୀଙ୍କ ହୃଦରାଜ୍ୟରେ ସ୍ମୃତି ଶାମୁକା ହୋଇ ସାଇତା ରହିଛି । ଭିକାରୀ ବଳଙ୍କ 'କୋଠଭୋଗଖିଆ' ଭଜନ ଓ ସିକନ୍ଦର ଅଲାମଙ୍କ 'ଆରତ ଶୁଣ ବାର ମାଗେ ମାଗୁଣିରେ', ସୁରମଣି ରଘୁନାଥ ପାଣିଗ୍ରାହୀଙ୍କ 'ସବୁଥିରୁ ବଞ୍ଚିତ କରି'- ଏମିତି ଅନେକ କଣ୍ଠସଙ୍ଗୀତ ସଙ୍ଗୀତପ୍ରେମୀଙ୍କ ମନରେ ଆଧାତ୍ମିକ ଭାବ ଜାଗ୍ରତ କରାଏ । ଏମିତି ଅନେକ ଉଚ୍ଚକୋଟୀର ସଙ୍ଗୀତର ଚମତ୍କାରିତା ଯେତେ ବର୍ଣ୍ଣନା କଲେ ମଧ୍ୟ ସରିବନି । ଏହା ଅସରନ୍ତି । ସୁତରାଂ ଏ ଅବକ୍ଷୟମୁଖୀ ମାନବ ସମାଜର ସଙ୍ଗୀତ ଯେ ଆମ ଜୀବନଧାରାରେ ସାଂସ୍କୃତିକ ସାଥୀଟିଏ ହୋଇ ଆମ ସାଥିରେ ପାଦ ମିଳାଇ ଚାଲିଛି ଏବଂ ଆମେ ମଧ ତା' ହାତ ଧରି ଛୋଟପିଲା ଭଳି ତା' ସାଥିରେ ଚାଲିଛେ, ଏହା ନିଶ୍ଚିତ ।